# Akashvani, Sambalpur

## SAMBALPURI NEWS BULLETIN

### 10 September 2025 - 6.47- 6.52 am.

*********************************************

ଉପରାଷ୍ଟ୍ରପତି ଏନ୍ଏସ୍ଡି

ଦେଶର୍ ପଂଚଦଶ ଉପରାଷ୍ଟ୍ରପତି ଭାବେ ଏନ୍ଡିଏ ପ୍ରାର୍ଥୀ ଆଉ ମହାରାଷ୍ଟ୍ରର୍ ରାଜ୍ୟପାଲ୍ ସି.ପି. ରାଧାକ୍ରିଷ୍ଣନ୍ ନିର୍ବାଚିତ୍ ହେଇଛନ୍ । ଗଲାକାଏଲ୍ ହେଇଥିବା ଭୋଟ୍ଥି ଶ୍ରୀ ରାଧାକ୍ରିଷ୍ଣନ୍ - ଇଣ୍ଡି ମେଂଟର୍ ପ୍ରାର୍ଥୀ ଆଉ ସୁପ୍ରିମ୍କୋର୍ଟର ଆଘର୍ ବିଚାର୍ପତି ବି. ସୁଦର୍ଶନ୍ ରେଡ୍ଡୀଙ୍କୁ ଶହେ ୫୨ ଭୋଟ୍ଥି ହରେଇଛନ୍ । ଶ୍ରୀ ରାଧାକ୍ରିଷ୍ଣନ୍ଙ୍କୁ ୪ ଶହ ୫୨ ପହେଲା ପସନ୍ଦ୍ ଭୋଟ୍ ମିଲିଥିଲା ବେଲ୍କେ ଶ୍ରୀ ରେଡ୍ଡୀଙ୍କୁ ୩ ଶହ ପହେଲା ପସନ୍ଦ୍ ଭୋଟ୍ ମିଲିଛେ । ନିର୍ବାଚନ୍ଥି ମୋଟ୍ ୯୮ ଦଶ୍ମିକ୍ ୨ ପ୍ରତିଶତ୍ ମତଦାନ୍ ହେଇଥିଲା । ୧୪ ଝନ୍ ସାଂସଦ୍ ଭୋଟ୍ ନାଇଁ ଦେଇ ଥିଲା ବେଲ୍କେ ୧୫ ଟା ଭୋଟ୍ ନାକଚ୍ ହେଇଛେ ବଲି ଫଲାଫଲ୍ ଘୋଷ୍ନା କରିକରି ରାଜ୍ୟସଭା ମହାସଚିବ ପି.ସି. ମୋଦୀ କହିଛନ୍ । ନିର୍ବାଚନ୍ ଜିତ୍ବାର୍ ଉତ୍ରୁ ଶ୍ରୀ ରାଧାକ୍ରିଷ୍ଣନ୍ଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ନେତା ଆଉ ମନ୍ତ୍ରୀମାନେ ଶୁଭେଛା ଜନେଇଛନ୍ ।

ସୁଭଦ୍ରା-ଉପମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ହେବା । ବୈଠକ୍‌ଥି ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀମାନ୍‌କୁ ଯୋଜ୍‌ନାଥି ସାମିଲ୍ କର୍‌ବାର୍‌କେ ଆଉ ଅଯୋଗ୍ୟ ମାନ୍‌କୁ ତାଲିକାନୁ ବାହାର୍ କର୍‌ବାର୍ ଲାଗି ଆଲୋଚନା କରାଯିବା ।

ତୀର୍ଥଯାତ୍ରା ଟ୍ରେନ I&PR

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍‌ର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜ୍‌ନାଥି ୨୦୨୫-୨୬ ଆର୍ଥିକ୍ ବଛର୍‌ଥି ପହେଲା ତୀର୍ଥଯାତ୍ରା ଟ୍ରେନ୍ ଆଏଜ୍ ଭୁବ୍‌ନେଶ୍ୱର୍ ଠାନୁ ବାହାର୍‌ବା । ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍‌ନୁ ଦିନର୍ ୧୧ ବଜେ ଯାତ୍ରୀମାନ୍‌କୁ ଧରିକରି ଅଯୋଧ୍ୟା ବାରାଣାସୀକେ ଟ୍ରେନ୍ ଯାତ୍ରା କର୍‌ବା । ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଯାତ୍ରାର୍ ଶୁଭାରମ୍ଭ କର୍‌ବେ । ଟ୍ରେନ୍‌ଥି ୬ ଟା ଜିଲ୍ଲାର୍ ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକଙ୍କର୍ ସହେତେ ୨୫ ଝନ୍ ଅଧିକାରୀ

ଯାତ୍ରା କର୍‌ବେ । ଆଏବା ମାସର୍ ୮ ତାରିଖ୍ ଆଉ ଡିସେମ୍ବର୍ ମାସର୍ ୫ ତାରିଖ୍ ସମ୍ବଲ୍‌ପୁର୍‌ନୁ ତୀର୍ଥଯାତ୍ରୀ ଟ୍ରେନ୍ ବାହାର୍‌ବା ।

ରାଜ୍ୟ କେବିନେଟ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ଉପର୍‌ବେଲା ୫ ବଜେ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ୫ ନୁ ଅଏତ୍‌କା ପ୍ରସ୍ତାବ୍ ଆସ୍‌ବା ବଲି ଜନାପଡ଼ିଛେ । ଆଗ୍‌କେ ବିଧାନ୍‌ସଭା ଅଧିବେଶନ୍ ଥିବାର୍‌ନୁ ଇତାକେ ନଜର୍‌ଥି ରଖିକରି କେବିନେଟ୍‌ଥି କେତେଟା ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇପାରେ ।

କେନ୍ଦ୍ର ରେଲ୍‌ମନ୍ତ୍ରୀ ଶିକ୍ଷାମନ୍ତ୍ରୀ ଆଲୋଚନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ରେଲ୍‌ବାଇର୍ ବିକାଶ୍ ଆଉ ରେଲ୍ ନେଟ୍‌ୱାର୍କକେ ବର୍‌କସ୍ କର୍‌ବାର୍ ଲାଗି ଗଲାକାଏଲ୍ ନୂଆଦିଲ୍ଲୀ ଠାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଉ କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କର୍ ଭିତ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଇଯାଇଛେ । ରାଏଜେ ଚାଲିଥିବା ରେଲ୍ ପ୍ରକଳ୍ପ ମାନ୍‌କର୍ କାମ୍ ତୁର୍‌ତି କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା

କରାଯାଇଥିଲା । ବୈଠକ୍‌ଥି ଓଡ଼ିଶାର୍ ୫ ଝନ୍ ସାଂସଦ୍ ଭିଲ୍ ସାମିଲ୍ ଥିଲେ ।

ନୂଆଁ ଚିଠା  ନୀତି                I&PR

ରାଜ୍ୟ ସର୍‌କାର୍ ପ୍ରଦୂଷଣ୍ ନିୟନ୍ତ୍ରଣ୍ ଆଉ ସବୁଜ ଇନ୍ଧନ୍‌କେ ତହଁକାବାର୍ ଲକ୍ଷ୍ୟଥି ଗଲାକାଏଲ୍ ନୂଆଁ ଚିଠା ବୈଦ୍ୟୁତିକ୍ ଗାଡ଼ି ନୀତି ଆନିଛନ୍ । ଚିଠା ନୀତି ଅନ୍‌ସାରେ ୨୦୩୦ ମସିହାତକ୍ ରାଏଜେ ୫୦ ପ୍ରତିଶତ୍ ବୈଦ୍ୟୁତିକ୍ ଗାଡ଼ି ପ୍ରଚଲନ୍ କରାଯିବା । ବିଦ୍ୟାଲୟ ଆଉ ମହାବିଦ୍ୟାଲୟମାନ୍‌କର୍ ବସ୍ ଆର୍ ଆମ୍ବୁଲେନ୍ସକେ ଭିଲ୍ ଇ.ଭି.ଥି ବଦ୍‌ଲାଯିବା । ବେଟ୍‌ରୀ ଗାଡ଼ି ମାନ୍‌କର୍‌ଲାଗି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ୩ ଶହ ଟା ଚାର୍ଜିଂ କେନ୍ଦ୍ର, ଶହେ ଟା ସ୍ୱାଇପିଂ ଷ୍ଟେସନ୍ ଥାପ୍‌ନା କରାଯିବା । ବେଟ୍‌ରୀ କାର୍ ମାନ୍‌କର୍ ଲାଗି ଦେଢ଼୍‌ଲାଖ୍ ଟଙ୍କାତକ୍ ପ୍ରୋତ୍ସାହନ୍ ଦିଆଯିବା । ଇତାର୍‌ସହେତେ ଇ.ଭି. ଘିନ୍‌ବାର୍‌ଥି ମିଲୁଥିବା ସବ୍‌ସିଡ଼ି ବ୍ୟବସ୍ଥା ଫଟିକ୍ କର୍‌ବାର୍ ଲାଗି ଭିଲ୍ ସର୍‌କାର୍ ନୂଆଁ ନୀତିଥି କେତେଟା ସଂଶୋଧନ୍ ଆନ୍‌ବାର୍‌କେ ପ୍ରସ୍ତାବ୍ ରଖିଛନ୍ ।

ଭୁବ୍‌ନେଶ୍ୱର୍-ରାଉର୍‌କେଲା ଏକ୍ସପ୍ରେସ୍ ବାତିଲ୍

ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍-ରାଉର୍‌କେଲା- ଭୁବ୍‌ନେଶ୍ୱର୍ ଏକ୍ସ୍‌ପ୍ରେସ୍ ଟ୍ରେନ୍ ଯାତ୍ରା ଆଏଜ୍ ଦୁହି ଆଡ୍ରୁ ବାତିଲ୍ ହେଇଛେ । ଲିଙ୍କ୍ ରେକ୍ ଡେରିଥି ଚାଲ୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ । ଇତାକେ ନଜର୍‌ଥି ରଖିକରି ଯାତ୍ରୀମାନେ ଯାତ୍ରା ଯୋଜ୍‌ନା କର୍‌ବାର୍ ଲାଗି ରେଲ୍‌ବାଇ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଜିଏସ୍‌ଟି-ସମବାୟ କ୍ଷେତ୍ର ଏନ୍‌ଏସ୍‌ଡି

ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଦେଶର୍ ସମବାୟ କ୍ଷେତ୍ରକେ ବର୍‌କସ୍ କର୍‌ବା ଆଉ ତାର୍ ଉପ୍ତାଦ୍‌ମାନ୍‌କୁ ବଜାର୍ ନ ପ୍ରତିଯୋଗିତାଥି ସାମିଲ୍ କର୍‌ବା । ସମବାୟ ଦରବ୍‌ମାନକର ଚାହିଦା ବଢ଼ାବାର୍ ସଙ୍ଗେ ଲୁକ୍‌କର୍ କମାନି ଭିଲ୍ ବଢ୍‌ବା । ଇତାର୍ ଜରିଏ ଗ୍ରାମାଂଚଲ୍ ଶିଳ୍ପ ଉଦ୍ୟୋଗ୍‌କେ ବଲ୍ ମିଲ୍‌ବା । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରଥି ଭିଲ୍ ଜିଏସ୍‌ଟି ସଂସ୍କାର୍ ସମବାୟ କ୍ଷେତ୍ରକେ ତହଁକାବା । ଜିଏସ୍‌ଟି ସଂସ୍କାର ସିଧାସଲଖ୍ ସମବାୟ କ୍ଷେତ୍ର, ଚାଷୀ, ଗାଁ ଇଲାକାର୍ ଉଦ୍ୟୋଗ୍ ପ୍ରଭାବିତ୍ କର୍‌ବାର୍ ସହେତେ ଦେଶର୍ ୧୦ କୋଟିନୁ ଅଏତ୍‌କା ଗୁରସ୍ ଚାଷୀଙ୍କୁ ଲାଭାନ୍ୱିତ୍ କର୍‌ବା । ଇତାର୍ ଜରିଏ ଦେଶର୍ କୋଟି କୋଟି ପରିବାର୍‌କେ ଅତି ଜରୁରୀ ଦରବ୍

କମ୍ ଦାମ୍‌ଥି ମିଲିପାର୍‌ବା ବଲି ସମବାୟ ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ଆଦି କର୍ମଯୋଗୀ ଅଭିଯାନ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଆଦି କର୍ମଯୋଗୀ ଅଭିଯାନ୍‌ର ଜିଲ୍ଲାସ୍ତରୀୟ ତାଲିମ୍ ଶିବିର୍ ଉଦ୍‌ଘାଟିତ୍ ହେଇଯାଇଛେ । ୩ ଦିନିଆ କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଉଦ୍‌ଘାଟନ୍ କରିକରି ଅଭିଯାନ୍ ଆଉ ତାଲିମ୍ ଶିବିର୍‌ର ଆଭିମୁଖ୍ୟ ବୁଝେଇଥିଲେ । ବିଭାଗ୍‌ର ଅଧିକାରୀମାନେ ନିଷ୍ଠାର୍ ସହେତେ କାମ୍ କରିକରି ଅଭିଯାନ୍‌କେ ସଫଲ୍ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ୪ ଶହ ୨୪ ଟା ଜନଜାତି ଗାଁ ନ ଲୁକ୍‌କର୍ ଦକ୍ଷତା, ନେତୃତ୍ୱ କ୍ଷମତାର୍ ବିକାଶ ସହେତେ ସର୍ବାଙ୍ଗୀନ୍ ବିକାଶ୍ କର୍‌ବାର୍ ଦିଗେ ପ୍ରଶିକ୍ଷକ୍‌ମାନ୍‌କୁ ତାଲିମ୍ ଦିଆଯିବା ।

ପାଣିପାଗ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା  ସୁନ୍ଦର୍‌ଗଡ଼୍ ସହେତେ ୮ ଟା ଜିଲ୍ଲା

ନ ଘଡ଼୍‌ଘଡ଼ି ସଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।